ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪



ଭୁବନେଶ୍ୱର, ୨୦୧୯, ମେ’ ୨୩

ମହାନଦୀ ବିବାଦର ରାଜନୈତିକ ଉଦ୍ଦେଶ୍ୟ!

ମହାନଦୀ ଜଳବଣ୍ଟନ ବିବାଦର ସମାଧାନ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଦୃଷ୍ଟିକୋଣ ଓ ପଦକ୍ଷେପ ରହସ୍ୟଜନକ ମନେହେଉଛି । ଏହି ବିବାଦରେ ବିଶେଷ କ୍ଷତିଗ୍ରସ୍ତ ହେବାକୁ ଯାଉଥିବା ଓଡ଼ିଶା କେନ୍ଦ୍ର ସରକାରଙ୍କୁ ଗୋଟିଏ କଥା କହିବାବେଳେ ଏହା ଆଉ ଏକ ଭିନ୍ନ କଥା କରୁଛି । ବିବାଦର ସମାଧାନ ପାଇଁ ଟ୍ରାଇବ୍ୟୁନାଲ ଗଠନ ନିମନ୍ତେ ଓଡ଼ିଶା ସରକାର ଆବେଦନ କରିଥିବାବେଳେ କେନ୍ଦ୍ର ସରକାର ଏକ ନେଗୋସିଏସନ କମିଟି ଗଠନ କରିଛନ୍ତି । ଏହି କମିଟି ମହାନଦୀ ଜଳ ପ୍ରସଙ୍ଗରେ ଓଡ଼ିଶା, ଛତିଶଗଡ଼ ସମେତ ବିଭିନ୍ନ ସଂପୃକ୍ତ ପକ୍ଷଙ୍କୁ ନେଇ ଗଠିତ ହେବ ଏବଂ ଆଲୋଚନା ଓ ବୁଝାମଣା ମାଧ୍ୟମରେ ବିବାଦର ସମାଧାନ କରାଯିବ । ଆନ୍ତଃରାଜ୍ୟ ଜଳବିବାଦ ଆଇନର ଧାରା ୩ (୧୯୫୬) ଅନୁସାରେ ଟ୍ରାଇବ୍ୟୁନାଲ ଗଠନ ପାଇଁ ଓଡ଼ିଶା ଦାବି କରିଥିବାବେଳେ ତା’ଜାଗାରେ ଏକତରଫା ଭାବେ କେନ୍ଦ୍ର ସରକାର ବୁଝାମଣା କମିଟି ଗଠନ କରିବାର ଅର୍ଥ କ’ଣ ତାହା ସ୍ପଷ୍ଟ କରାଯାଇନାହିଁ । ଟ୍ରାଇବ୍ୟୁନାଲ ମାଧ୍ୟମରେ ଜଳବଣ୍ଟନ ବିବାଦ ସମାଧାନ ଏକ ସମୟସାପେକ୍ଷ ଦୀର୍ଘ ପ୍ରକ୍ରିୟା । ତାହାକୁ ଏଡ଼ାଇବା ପାଇଁ ଯଦି କେନ୍ଦ୍ର ବୁଝାମଣା କମିଟି ଗଠନ କରିଥାଏ ତା’ହେଲେ ଉଦ୍ଦେଶ୍ୟ ମନ୍ଦ ନୁହେଁ ବୋଲି କୁହାଯାଇପାରେ । ମାତ୍ର ଏ କ୍ଷେତ୍ରରେ ସମସ୍ୟାଟି ହେଉଛି ଯେତେବେଳେ ନୀତିନିୟମ ଭିତରେ ଗଠିତ ଆଇନାନୁମୋଦିତ ଟ୍ରାଇବ୍ୟୁନାଲମାନ ଅତୀତରେ ଜଳବଣ୍ଟନ ବିବାଦର ସ୍ଥାୟୀ ସମାଧାନ କରିବାରେ ବିଫଳ ହୋଇଛନ୍ତି, ସେତେବେଳେ ଏକ କମିଟି ବୁଝାମଣା ଭିତ୍ତିରେ ଏହାର ସମାଧାନ କରିବାରେ କେତେ ସକ୍ଷମ ହେବ ତାହା ସବୁଠୁ ବଡ଼ ପ୍ରଶ୍ନ । ବୁଝାମଣା ଓ ଆଲୋଚନା ବିବାଦ ସମାଧାନର ସବୁଠୁ ସଫଳ ବ୍ୟବସ୍ଥା, ଏଥିରେ ଦ୍ୱିରୁକ୍ତି ନାହିଁ । ଏହା ପଛରେ ଆଇନଗତ ସମର୍ଥନ ଅଧିକ ନଥିଲେ ହେଁ ବୁଝାମଣାରେ ସଂପୃକ୍ତ ପକ୍ଷଙ୍କ ସ୍ୱାର୍ଥ ରକ୍ଷା ହେଉଥିବାରୁ ଏବଂ କେହି କ୍ଷତିଗ୍ରସ୍ତ ହେଉନଥିବାରୁ ଏହା ସଫଳ ହୁଏ । ମହାନଦୀ ଜଳବଣ୍ଟନ କ୍ଷେତ୍ରରେ ଛତିଶଗଡ଼ ସରକାର ଯେଉଁସବୁ ପଦକ୍ଷେପ ନେଇଛନ୍ତି ତାହା ଆନ୍ତଃରାଜ୍ୟ ଜଳବଣ୍ଟନ ଆଇନର ବିରୋଧାଚରଣ କରୁଛି । ନଦୀ ଉପର ମୁଣ୍ଡରେ ଥିବା ଏହି ରାଜ୍ୟ ଏବେ ସୁବିଧାଜନକ ସ୍ଥିତିରେ ଥିବାବେଳେ ତଳମୁଣ୍ଡର ଓଡ଼ିଶା ଅସୁବିଧାରେ ରହିଛି । ଓଡ଼ିଶାର ଦାବିକୁ ଛତିଶଗଡ଼ ପୂର୍ବରୁ ପ୍ରତ୍ୟାଖ୍ୟାନ କରିଛି ଏବଂ ଟ୍ରାଇବ୍ୟୁନାଲ ଗଠନକୁ ମଧ୍ୟ ବିରୋଧ କରୁଛି । ଏଭଳି ପରିସ୍ଥିତିରେ ଆଲୋଚନା ଓ ବୁଝାମଣାର ସେମିତି କୌଣସି ଅବକାଶ ଥିବାଭଳି ମନେହେଉନାହିଁ । ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସ୍ଥଗିତ ରଖି ଛତିଶଗଡ଼ ସରକାର ଆଲୋଚନା ଟେବୁଲକୁ ଆସିବାକୁ ଯଦି ନିଜ ଆଡୁ ପ୍ରସ୍ତାବ ଦିଅନ୍ତି ତେବେ ଯାଇ ବୁଝିବାକୁ ହେବ ଯେ ଏହି କମିଟି ଜରିଆରେ ବିବାଦର ଆପୋଷ ସମାଧାନ ପାଇଁ ସେଠା କର୍ତ୍ତୃପକ୍ଷ ଆଗ୍ରହୀ । ବୁଝାମଣା କମିଟିର ଯେଉଁ ସମ୍ଭାବ୍ୟ ରୂପରେଖ ପ୍ରକାଶ ପାଇଛି ସେଥିରେ ବିଭିନ୍ନ ପକ୍ଷ ସଂପୃକ୍ତ । ପାଞ୍ଚଟି ରାଜ୍ୟ, କେନ୍ଦ୍ରୀୟ ଜଳ ଆୟୋଗ, କେନ୍ଦ୍ର ଜଳସେଚନ, କୃଷି, ଜଙ୍ଗଲ, ଭୂବିଜ୍ଞାନ ଆଦି ମନ୍ତ୍ରଣାଳୟର ପ୍ରତିନିଧି ଏଥିରେ ସଦସ୍ୟ ରହିବେ । ତେବେ ଏହାର ଆଇନଗତ ଆଧାର ଓ କ୍ଷମତା ପରିସର ସ୍ପଷ୍ଟ ହୋଇନଥିବାରୁ ଗୋଟିଏ ରାଜ୍ୟ ଅନ୍ୟ ରାଜ୍ୟର ଦାବି ବା ଯୁକ୍ତିକୁ ଗ୍ରହଣ ନ କଲେ ତା’ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ । ମନେହେଉଛି ସମୟ ଗଡ଼ାଇବାକୁ ଏହା ଆଉ ଏକ ରାଜନୈତିକ ଚାଲ୍ । ମହାନଦୀ ଜଳବଣ୍ଟନ ପ୍ରସଙ୍ଗ ଏବେ ରାଜନୈତିକ ରୂପ ନେଇଛି । ଶାସକ ବିଜୁ ଜନତାଦଳ ଏହାକୁ ପଞ୍ଚାୟତ ନିର୍ବାଚନରେ ପ୍ରସଙ୍ଗ କରିଥିଲା । କଂଗ୍ରେସ ମଧ୍ୟ ଏହାକୁ ପ୍ରସଙ୍ଗ କରି ଏଥିସହିତ ଓଡ଼ିଆ ଭାବପ୍ରବଣତାକୁ ଯୋଡୁଛି । ଏହି ପ୍ରସଙ୍ଗରେ ବିଜେପି ମୂଳରୁ ଅକଳିଆ ଅବସ୍ଥାରେ ଥିଲା । ଉଦ୍ଦେଶ୍ୟ ଭଲ ହେଲେ ବି କେନ୍ଦ୍ର ସରକାରଙ୍କ ଦ୍ୱାରା ଅପ୍ରତ୍ୟାଶିତ କମିଟି ଗଠନ ନିଷ୍ପତ୍ତି ପଞ୍ଚାୟତ ନିର୍ବାଚନରେ ଦଳକୁ ଫାଇଦା ଦେବାକୁ ଅଭିପ୍ରେତ ବୋଲି ମନେହୋଇଥିଲା । କେବଳ ସେତିକି ନୁହେଁ, ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ରମଣ ସିଂହଙ୍କୁ ତାରକା ପ୍ରଚାରକ ଭାବେ ଓଡ଼ିଶା ଆଣିବାକୁ ରାଜ୍ୟ ବିଜେପି ଯେଉଁ ନିଷ୍ପତ୍ତି ନେଇଥିଲା ସେ ନେଇ ଦଳ ଭିତରେ ଓ ବାହାରେ ଥିବା ବିରୋଧକୁ ଦୂର କରିବାକୁ ଏହା ଏକ ଚାଲ୍ ହୋଇପାରେ । ତେଣୁ ମନେହେଉଛି ଏହି କମିଟି ଗଠନ ନିଷ୍ପତ୍ତି ପଛରେ ରାଜନୀତି ରହିଛି । ସବୁ ପ୍ରମୁଖ ଦଳ ଯେତେବେଳେ ମହାନଦୀକୁ ନେଇ ରାଜନୀତି କରୁଛନ୍ତି; ସେତେବେଳେ ବିଜେପି ବା କାହିଁକି ପଛରେ ପଡ଼ିବ ? ନିକଟରେ ଯେଉଁ ସିବିଆଇ ଓ ଭିଜିଲାନ୍ସ ଚଢ଼ଉ ପର୍ବ ଚାଲିଲା ତା’ପଛରେ ଲୁଚି ରହିଥିବା ରାଜନୈତିକ ଉଦ୍ଦେଶ୍ୟ ଜଳଜଳ ଦେଖାଦେଲା । ପଞ୍ଚାୟତ ନିର୍ବାଚନ ଥିଲା ଅସଲ ଉଦ୍ଦେଶ୍ୟ । ଅତଏବ ନିର୍ବାଚନ ପ୍ରକ୍ରିୟା ଚାଲିଥିବାବେଳେ ହଠାତ୍ ମହାନଦୀ ପ୍ରସଙ୍ଗରେ ବୁଝାମଣା କମିଟି ଗଠନ ଘୋଷଣାରେ ରାଜନୈତିକ ଉଦ୍ଦେଶ୍ୟ ଅଧିକ ଓ ଆନ୍ତରିକତା କମ୍ ଥିବା ମନେହୁଏ ।

ଆଜିର ଅନୁଚିନ୍ତା

ଚୋରଘରୁ ଯଦି ଅନ୍ୟ କେହି ଜଣେ ଚୋରି କରେ, ତେବେ ସେ ଚୋରକୁ ଭଲ ଲାଗିବ ତ ?

ଏକାଗ୍ରତାର ରହସ୍ୟ

ଆଧ୍ୟାତ୍ମିକ ଶିକ୍ଷଣ ସ୍ତମ୍ଭ

କଳ୍ପବଟ ....

ଦିନେ ସନ୍ଥ ଏକନାଥଙ୍କୁ ନିକଟକୁ ଜଣେ ଗୃହୀ ସାଧୁ ଆସିଲେ । ପ୍ରଣିପାତ କରି କହିଲେ- ମହାରାଜ ! ମୁଁ ଯେତେବେଳେ ଆପଣଙ୍କ ନିକଟକୁ ଆସୁଛି, ସେତେବେଳେ ଆପଣ ଧ୍ୟାନ ଧାରଣା, ଜପତପରେ ତଲ୍ଲୀନ ରହୁଥିବା ଦେଖିବାକୁ ପାଉଛି । ଆପଣ ଭଗବାନଙ୍କ ନାମ ସ୍ମରଣ ଓ ଚିନ୍ତାରେ ପ୍ରତିକ୍ଷଣ ମଗ୍ନ ରହୁଛନ୍ତି । ହେଲେ ମୋର ମନ ଧ୍ୟାନଧାରଣାରେ ରହୁନାହିଁ ଆଦୌ, ଯେତେଚେଷ୍ଟା କଲେ ମଧ୍ୟ ମୁଁ ପାରୁନି । ମନକୁ ସ୍ଥିର ରଖିବାର (ଏକାଗ୍ରତା) ରହସ୍ୟ ମୋତେ ବତାଇ ଦିଅନ୍ତୁ, ମୁଁ କୃତାର୍ଥ ହେବି । ଏକନାଥ ଏହାଶୁଣି କିଛି ସମୟ ଚିନ୍ତା କଲେ । ଗମ୍ଭୀରତାର ସହ କହିଲେ- ‘ଭାଇ ! ମୋତେ ଅତି ଦୁଃଖ ଲାଗୁଛି ଯେ ଆଜିଠାରୁ ଆଠଦିନ ପରେ ତୁମର ମୃତ୍ୟୁ ଅନିବାର୍ଯ୍ୟ ! ସାତଦିନ ପରେ ତୁମେ ମୋ ନିକଟକୁ ଆସ, ସେହି ସମୟରେ ମୁଁ ତୁମକୁ ଏଇ ପ୍ରଶ୍ନର ଉତ୍ତର ବତାଇ ଦେବି, ଅନ୍ତତଃ ମୃତ୍ୟୁ ପୂର୍ବରୁ ତୁମେ ତୁମ ପ୍ରଶ୍ନର ସମାଧାନ ପାଇ ଶାନ୍ତିରେ ମରିପାରିବ ।’ ମୃତ୍ୟୁର ବାର୍ତ୍ତା ଶୁଣି ଗୃହୀସାଧୁଙ୍କ ପିଣ୍ଡରୁ ପ୍ରାଣ ଛାଡ଼ିଗଲା ପରି ଲାଗିଲା, କପାଳରେ ସ୍ୱେଦବିନ୍ଦୁ ଦେଖାଦେଲା । ପରେ ସେ ସ୍ଥିରଚିତ୍ତରେ ଭାବିନେଲେ ଜନ୍ମହେଲେ ମୃତ୍ୟୁ ନିଶ୍ଚୟ । ମୃତ୍ୟୁ ଯଦି ଅବଶ୍ୟମ୍ଭାବୀ ତା’ହେଲେ ସେ ନିମନ୍ତେ ମୋତେ ପ୍ରସ୍ତୁତ ହେବାକୁ ପଡ଼ିବ । ଜନ୍ମହେଲେ ଦିନେ ମରିବ, ଏହାକୁ ସ୍ୱାଭାବିକ ଭାବରେ ଧରି ନେବାକୁ ବେଶ ଦମ୍ଭରସହ କହୁଥିବା ବ୍ୟକ୍ତି ମୃତ୍ୟୁର ନାଁ ଶୁଣିଲେ ଅଜଣା ଆଶଙ୍କାରେ ଭୟଭୀତ ହୋଇପଡ଼ନ୍ତି । ମୃତ୍ୟୁକୁ ଏଡ଼ାଇଯିବା ପାଇଁ ନାନା ପ୍ରକାର ଯୋଜନା କରିଥାନ୍ତି, ଯଦିଚ ଜାଣିଥାନ୍ତି ଯେ ଜୀବନ ପାଣିଫୋଟକା ସଦୃଶ, ପ୍ରତି ମୁହୂର୍ତ୍ତରେ ଅନିଶ୍ଚିତତା, କିନ୍ତୁ ମୃତ୍ୟୁକୁ ସାମନା କରିବା ପାଇଁ ମାନସିକ ପ୍ରସ୍ତୁତି, ପ୍ରତିବଦ୍ଧତା ନ ଥାଏ । ଏହି ମୃତ୍ୟୁ ଭୟ ସର୍ବୋଚ୍ଚ ପଦଧାରୀଙ୍କଠାରୁ ଆରମ୍ଭ କରି ଅତି ନିମ୍ନ ସ୍ତରର ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତଙ୍କୁ ଆତଙ୍କିତ କରାଇଥାଏ, ସାଧୁ ଏଥିରୁ ବାଦ ନ ପଡ଼ନ୍ତେ କିପରି ? ନିଶ୍ଚିତ ମୃତ୍ୟୁ ସମ୍ବାଦପାଇ ସେ ଘରର ସମ୍ପୂର୍ଣ୍ଣ ଦାୟିତ୍ୱ ନିଜ ପୁଅ ଉପରେ ନ୍ୟସ୍ତ କରିଦେଲେ । ଦିନରାତି ପରମାତ୍ମାଙ୍କ ନାମ ସ୍ମରଣ, ଧ୍ୟାନ, ପ୍ରାର୍ଥନା, ଭଜନରେ ମଗ୍ନ ରହିଲେ । ଏଭଳି ସାତ ଦିନ ବିତିଗଲା । ଅଷ୍ଟମଦିନ ଅତି ଉଦାସ ଭାବରେ ସନ୍ଥ ଏକନାଥଙ୍କ ନିକଟକୁ ଗଲେ । ଏକନାଥ ତାଙ୍କୁ ଦେଖି ପ୍ରଶ୍ନ କଲେ- ଏବେ କୁହନ୍ତୁ ଏଇ ସାତଦିନ ଆପଣଙ୍କର କିପରି ଭାବରେ କଟିଲା । ସାଧୁ କହିଲେ ମହାରାଜ ! ମୃତ୍ୟୁକଥା ଶୁଣିବା ପରେ ମୋତେ ଏତେ ଭୟ ଆସିଯାଇଛି ଯେ ମୁଁ ସବୁକଥା ଛାଡ଼ି କେବଳ ଈଶ୍ୱରଙ୍କ ଧ୍ୟାନଧାରଣା, ଜପତପରେ ମଗ୍ନ ଥିଲି । ଏହି ସାତଦିନ ମୁଁ ପରିବାର କଥା ସମ୍ପୂର୍ଣ୍ଣ ଭୁଲିଯାଇଛି, କାରଣ ମୃତ୍ୟୁ ଅତି ନିକଟରେ ବୋଲି ମୁଁ ନିଶ୍ଚିତ ଥିଲି । ଏଇ ଦିନ ଗୁଡ଼ିକରେ ମୋର ମନ ଆଉ ଚଞ୍ଚଳ ନଥିଲା, କେବଳ ପ୍ରଭୁଙ୍କ ନାମସ୍ମରଣରେ ମୁଁ ତନ୍ମୟ ଥିଲି ।’ ଏହା ଶୁଣି ଏକନାଥ କହିଲେ-ଏହାହିଁ ମୋର ଏକାଗ୍ରତାର ରହସ୍ୟ, ମୁଁ ସଦାସର୍ବଦା ନିଜ ମସ୍ତକ ଉପରେ ମୃତ୍ୟୁର ଖଡ୍‌ଗ ଝୁଲୁଥିବାର ଅନୁଭବ କରୁଛି । ନଶ୍ୱର ଜୀବନର ଅବଧି (ସତ୍ୟ) ସମ୍ପର୍କରେ ନିଶ୍ଚିତ ଥିବାରୁ ମୁଁ ଈଶ୍ୱରଙ୍କ ନାମ ଜପୁଛି । ଏହା ମୋ ପାଇଁ ଶାଶ୍ୱତ ସମ୍ପଦ । ତୁମେ ମଧ୍ୟ ମୋ ପରି ମୃତ୍ୟୁ ସମ୍ପର୍କରେ ସଚେତନ ହୋଇଗଲେ ମନସ୍ଥିର ରହିବ, ସାଂସାରିକ ବିଷୟବସ୍ତୁରେ ଏତେ ମଗ୍ନ ହେବନାହିଁ । ଏହା ହିଁ ତ ଏକାଗ୍ରତାର ରହସ୍ୟ । ଏବେ ଯାଅ, ଏହି ରହସ୍ୟ ଉପଲବ୍ଧି କରିଥିବାରୁ, ତୁମର ମୃତ୍ୟୁର ନିର୍ଦ୍ଦେଶନାମା ଫେରାଇ ନିଆଯାଇଛି ।

ପାଠକୀୟ ମତାମତ ଓ ପରାମର୍ଶ ‘ପର୍ଯ୍ୟବେକ୍ଷକ’ ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା’ ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

ଶିକ୍ଷାନୁଷ୍ଠାନରେ ନୈତିକ ଶିକ୍ଷା ଜରୁରୀ କି ?

ଜବାହରଲାଲ ସୁବୁଦ୍ଧି

ପ୍ରାଚୀନ କାଳରେ ନୈତିକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଥିଲା। ନୈତିକ ଶିକ୍ଷା ଦିଆଯାଉଥିବାରୁ ଏହାର ସୁପ୍ରଭାବ ସମାଜ ଉପରେ ପଡୁଥିଲା। ଏ ସୃଷ୍ଟିରେ ଭଗବାନ ମଣିଷକୁ ସୃଷ୍ଟି କରିଛନ୍ତି ଏଥିପାଇଁ ଯେ, ସେ ନିଜେ ବଞ୍ଚିବା ସହିତ ଅନ୍ୟ ପ୍ରାଣୀମାନଙ୍କୁ ବଞ୍ଚିବା ଓ ବଢିବାରେ ସାହାଯ୍ୟ କରିବ। ଅନ୍ୟମାନଙ୍କୁ ତା’ର ସାମର୍ଥ୍ୟମତେ ସାହାଯ୍ୟ, ସହଯୋଗ ତଥା ସେବା ଯୋଗାଇ ଦେଇ ତା’ ନିଜ ଜୀବନକୁ ସାର୍ଥକ କରିବ। ଶିକ୍ଷା ସମ୍ପର୍କରେ ଉପନିଷଦରେ-***‘ସା ବିଦ୍ୟା ଯା ବିମୁକ୍ତୟେ’*** କହିଲା ବେଳେ ଶ୍ରୀମଦ୍ ଭଗବତ ଗୀତାରେ ‘ପୃଥିବୀରେ ଜ୍ଞାନ ସଦୃଶ ପବିତ୍ର ବସ୍ତୁ ଅଧିକ କିଛି ନାହିଁ।’ ଆରିଷ୍ଟଟଲଙ୍କ ମତରେ ‘ସୁସ୍ଥ ଶରୀରରେ ସୁସ୍ଥମନ ସୃଷ୍ଟି କରିବାହିଁ ଶିକ୍ଷା’। ସକ୍ରେଟିସ୍‌ଙ୍କ ମତରେ-‘ଅନ୍ତର୍ନିହିତ ସତ୍ୟର ଆବିଷ୍କାରହିଁ ଶିକ୍ଷା’। ପ୍ରାଚୀନ କାଳରେ ଆମ ପ୍ରିୟ ଦେଶ ଭାରତ ବର୍ଷର ମୁନିଋଷିମାନେ ପୃଥିବୀର ମଙ୍ଗଳ ନିମନ୍ତେ ଯାଗଯଜ୍ଞ କରୁଥିଲେ। ସେମାନଙ୍କ ଲକ୍ଷ୍ୟ ଥିଲା ଯେ-

‘ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟାଃ।
ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା କଶ୍ଚିତ୍ ଦୁଃଖ ଭାଗ୍ ଭବେତ୍।’

ଅର୍ଥାତ ସମଗ୍ର ପୃଥିବୀବାସୀ ସୁଖରେ ରୁହନ୍ତୁ, ନିରାମୟ ରୁହନ୍ତୁ, ସୁଖଶାନ୍ତି, ଭଦ୍ରଭାବେ ବଞ୍ଚି ରୁହନ୍ତୁ ତଥା ଭଗବାନ ସେମାନଙ୍କ ଦୁଃଖ ହରଣ କରନ୍ତୁ।

ଏହା ହିଁ ଥିଲା ମୁନିଋଷିମାନଙ୍କ ବାଣୀ। ମୁନିଋଷିମାନେ ସାରା ପୃଥିବୀ ଭ୍ରମଣ କରି ବିଶ୍ୱଭ୍ରାତୃତ୍ୱ ଭାବ ଓ ବିଶ୍ୱ ପ୍ରେମଭାବ ପ୍ରଚାର ପ୍ରସାର କରୁଥିଲେ। ପୃଥିବୀର ମନୁଷ୍ୟ ତଥା ଜୀବଜନ୍ତୁମାନଙ୍କ ମଙ୍ଗଳ ବିଧାନ କରୁଥିଲେ। ପରିବାରଠାରୁ ଆରମ୍ଭ କରି ସମାଜ, ରାଷ୍ଟ୍ର ତଥା ବିଶ୍ୱର ମଙ୍ଗଳ କାମନା କରି ସମସ୍ତଙ୍କୁ ନୈତିକ ଶିକ୍ଷା ମନ୍ତ୍ରରେ ଦୀକ୍ଷିତ କରୁଥିଲେ। ପ୍ରତ୍ୟେକ ବ୍ୟକ୍ତିର ନୈତିକତାଦ୍ୱାରା ହିଁ ଅଭିବୃଦ୍ଧି ଘଟେ। ନୈତିକତାବିହୀନ ମଣିଷ ପଶୁତୁଲ୍ୟ। ସାଂପ୍ରତିକ ଯୁଗରେ ଭାରତବର୍ଷରେ ହତ୍ୟା, ଲୁଣ୍ଠନ, ରାହାଜାନି, ଅପରାଧ ଓ ଗଣଦୁଷ୍କର୍ମ ଆଦି ଯାବତୀୟ କୁକାର୍ଯ୍ୟ ଘଟୁଛି। ମୂଲ୍ୟବୋଧର ସଙ୍କଟ ଦେଖା ଦେଉଛି, ତାହା କେବଳ ନୈତିକ ଶିକ୍ଷାର ଅଭାବ ଯୋଗୁଁ।

ଏହିସବୁ ଅନୈତିକ କାର୍ଯ୍ୟ ଯୋଗୁଁ ଘଟୁଥିବା ହତ୍ୟା, ଲୁଣ୍ଠନ, ରାସ୍ତାରୋକ, ଜିଲ୍ଲାବନ୍ଦ, ରାଜ୍ୟବନ୍ଦ, ଭାରତ ବନ୍ଦ ଫଳରେ ଦେଶର ଜନସାଧାରଣ ବହୁ ଅସୁବିଧାରେ ସମ୍ମୁଖୀନ ହେବାସହିତ ଜନସାଧାରଣଙ୍କର କୋଟି କୋଟି ଟଙ୍କା ସହିତ ଧନଜୀବନ ମଧ୍ୟ ନଷ୍ଟ ହୋଇଯାଉଛି। ଦେଶର ବିକାଶ ପ୍ରକ୍ରିୟାରେ ବାଧା ସୃଷ୍ଟି ହେଉଛି, ତେଣୁ ଆମ ଦେଶର ବୁଦ୍ଧିଜୀବୀ ତଥା ଚିନ୍ତାଶୀଳ ବ୍ୟକ୍ତି ନୈତିକ ଶିକ୍ଷାର ଗୁରୁତ୍ୱ ଉପଲବ୍ଧି କରି ଦେଶର ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ନୈତିକ ଶିକ୍ଷା ପ୍ରଚଳନ ନିମିତ୍ତ ଆଗ୍ରହ ପ୍ରକାଶ କରୁଛନ୍ତି।

୧୯୫୩ ମସିହାରେ ମୁଦାଲିୟର କମିଶନ ଶିକ୍ଷାନୁଷ୍ଠାନରେ ଧାର୍ମିକ ଓ ନୈତିକ ଶିକ୍ଷା ପ୍ରଚଳନକୁ ପସନ୍ଦ କରିନଥିଲେ। ତାଙ୍କର ମତ ଥିଲା ଭାରତବର୍ଷ ହେଉଛି ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର। ଧର୍ମନିରପେକ୍ଷ ରାଷ୍ଟ୍ରରେ ଧର୍ମଉପରେ ଦିଆଯାଉଥିବା ଶିକ୍ଷାକୁ ଶିକ୍ଷାନୁଷ୍ଠାନ ସମୟର ବାହାରେ ଓ ଅଭିଭାବକମାନଙ୍କର ଅନୁମତି ନେଇ ଦିଆଯିବା ଆବଶ୍ୟକ। ସ୍କୁଲ ସମୟ ପରେ ଛାତ୍ରମାନଙ୍କୁ ପଢାଇବାକୁ ହେଲେ ଏଥିପାଇଁ ଅଲଗା ଶିକ୍ଷକ ନିଯୁକ୍ତ ହେବା ଆବଶ୍ୟକ। ଏଥିପାଇଁ ସଂଖ୍ୟାନ୍ୟୁନ ଗୋଷ୍ଠୀଙ୍କ ଦ୍ୱାରା ପରିଚାଳିତ ବିଦ୍ୟାଳୟକୁ ଛାଡିଦେଲେ ଅନ୍ୟସବୁ ବିଦ୍ୟାଳୟଗୁଡିକରେ ଏହି ଧର୍ମ ଓ ନୀତିଶିକ୍ଷା ବନ୍ଦ କରିଦିଆଗଲା।

ଦେଶ ବିଜ୍ଞାନ ଅଭିମୁଖୀ ହୋଇଥିବାରୁ ପାଠ୍ୟପୁସ୍ତକଗୁଡିକ ବଦଳାଇଦିଆଗଲା। ଏହି ଅଭିଯାନରେ ଧର୍ମ ଓ ନୈତିକ ଶିକ୍ଷା ସମ୍ବଳିତ ବହିଗୁଡିକୁ ଉଠାଇ ଦିଆଗଲା ଏବଂ ତା ବଦଳରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ତଥା କାରିଗରିବିଦ୍ୟା ଆଧାରିତ ପୁସ୍ତକଗୁଡିକ ଶିକ୍ଷାନୁଷ୍ଠାନମାନଙ୍କରେ ପାଠ୍ୟପୁସ୍ତକ ଭାବେ ପ୍ରଚଳନ କରାଗଲା। ପାଠ୍ୟପୁସ୍ତକଗୁଡିକରେ ଧାର୍ମିକ ଓ ନୈତିକ ଶିକ୍ଷାକୁ ବିମୁକ୍ତ କରି ଦିଆଗଲା। ବିଦ୍ୟାଳୟରେ ନୈତିକ ଶିକ୍ଷା ବ୍ୟବସ୍ଥାକୁ ଉଠାଇଦିଆଗଲା। ଫଳରେ ସମାଜରେ ଖରାପ ପ୍ରଭାବ ପଡିଲା। ଛାତ୍ରଛାତ୍ରୀମାନେ ନକାରାତ୍ମକ ଦିଗଆଡକୁ ମନବଳାଇଲେ।

ନୈତିକ ଶିକ୍ଷା କହିଲେ ନୀତି ନିୟମ ସମ୍ବନ୍ଧୀୟ ଶିକ୍ଷାକୁ ବୁଝିବାକୁ ପଡିବ। ୧୯୫୯ ମସିହାରେ ଧାର୍ମିକ ଓ ନୈତିକଶିକ୍ଷା ସମ୍ବନ୍ଧରେ ଗଢାଯାଇଥିବା କମିଟି ନୈତିକ ମୂଲ୍ୟ ସମ୍ପର୍କରେ ବ୍ୟାଖ୍ୟାକରି କହିଛନ୍ତି-"Anything that helps us to behave properly towards others is moral value." ନିଜକୁ ଯେପରି ଦେଖିବା ଅନ୍ୟକୁ ଠିକ ସେହିପରି ବିଚାର କରିବା ହିଁ ନୈତିକତା। ଆଜି ଆମ ସମାଜରେ ନୈତିକତାର ସ୍ଖଳନ ଘଟିଛି। ବହୁ ବ୍ୟକ୍ତି ସାମୂହିକ ସ୍ୱାର୍ଥ ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥକୁ ଗୁରୁତ୍ୱ ଦେଉଛନ୍ତି। ଏହା ଆମ ଦେଶର ରାଜ୍ୟ ଓ ଜାତୀୟ ସ୍ତରରେ ବ୍ୟକ୍ତିଗତଭାବେ ଆର୍ଥିକ ଲାଭକ୍ଷତି ହିସାବ ଅନୁରୂପ ଭାବେ ଦେଖାଦେଇଛି। ଦେଶର ସବୁବର୍ଗର କେତେକ ବ୍ୟକ୍ତିଙ୍କ ନୈତିକତାର ସ୍ଖଳନ ଘଟିବା ଫଳରେ ଦେଶର ବିକାଶରେ ବ୍ୟାଘାତ ସୃଷ୍ଟିହେଉଛି। ଆଜି ଦିନରେ ଲଣ୍ଠନ ଜଳାଯାଇ ସମାଜରେ ଭଲ ମଣିଷ ଖୋଜା ଚାଲିଛି। ତେବେ ସଂଖ୍ୟାଦୃଷ୍ଟିରୁ ସ୍ୱଳ୍ପ ହେଲେ ମଧ୍ୟ ଗାନ୍ଧୀ, ଗୋପବନ୍ଧୁ, ଅବଦୁଲ କଲାମଙ୍କ ପରି କେତେଜଣ ଆଦର୍ଶ ସମର୍ପିତ ବ୍ୟକ୍ତିଙ୍କ ପାଇଁ ତଥା ଚନ୍ଦ୍ରସୂର୍ଯ୍ୟଙ୍କ ଆତଯାତ ଏବଂ ଉଦୟ ଅସ୍ତ ଯୋଗୁ ଏ ସମାଜ ତିଷ୍ଠି ରହିଛି। ଦୂରଦ୍ରଷ୍ଟା ଯୋଗଜନ୍ମା କବି ଭୀମଭୋଇଙ୍କ ଭାଷାରେ- ***“ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ।”*** ଠିକ୍ ସେହିପରି ବରେଣ୍ୟ ସମାଜସେବୀ ଉତ୍କଳମଣି ଗୋପବନ୍ଧୁଙ୍କ ଭାଷାରେ-

“ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼, ପୂରୁ ପଡ଼ି ତହିଁ ମୋର ମାଂସ ହାଡ।” ଗାନ୍ଧୀଙ୍କର ଶିକ୍ଷାନୀତିରେ ଆଦର୍ଶବାଦ, ପ୍ରକୃତିବାଦ ଓ ପ୍ରୟୋଗବାଦର ସମନ୍ୱୟ ଘଟିଛି। ଅର୍ଥାତ ପ୍ରତ୍ୟେକେ ନିଜ ଜୀବନକୁ ହେୟ, ନଗଣ୍ୟ ଓ ତୁଚ୍ଛ ମନେକରି ଶିକ୍ଷାମାଧ୍ୟମରେ ସମାଜର ହିତସାଧନ ପାଇଁ ପ୍ରୟାସ କରିଛନ୍ତି। ଶିକ୍ଷାନୁଷ୍ଠାନରେ ନୈତିକତାର ଆବଶ୍ୟକତା ଜରୁରୀ ବୋଲି କହିଛନ୍ତି। ସତ୍ୟବାଦୀ ବନବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା ନୈତିକ ଶିକ୍ଷାର ଏକ ଜ୍ୱଳନ୍ତ ଉଦାହରଣ।

୧୯୬୬ ମସିହାରେ କୋଠାରୀ କମିଶନଙ୍କ ମତରେ ଦେଶ ଧର୍ମନିରପକ୍ଷତା ଅର୍ଥ ଧର୍ମଶୂନ୍ୟତା ନୁହେଁ। ତାଙ୍କ ମତରେ ଧର୍ମ ବିଷୟରେ ପଢା ନହେବା ଓ କୁଟୁମ୍ବର ପ୍ରଭାବ ଆସ୍ତେ ଆସ୍ତେ କମିଯିବା ଫଳରେ ପିଲାମାନେ ନୈତିକତାରୁ ଦୂରେଇ ଯାଉଛନ୍ତି। ପ୍ରତ୍ୟେକ ପିଲା ନିଜଧର୍ମ ଓ ଅନ୍ୟଧର୍ମ ବିଷୟରେ ଜାଣିବା ଦରକାର। କମିଶନଙ୍କ ମତରେ ଆଧ୍ୟାତ୍ମିକ ଦୃଷ୍ଟିରୁ ବିଚାର କରାଗଲେ ପ୍ରତ୍ୟେକ ଧର୍ମର ସାରମର୍ମ ଏକ। ତେଣୁ ଏକ ଆଧ୍ୟାତ୍ମିକ ଚେତନା ଭିତ୍ତିରେ ବିଭିନ୍ନ ଧର୍ମର ସାରମର୍ମ ସହିତ ନୈତିକ ଶିକ୍ଷା ଲେଖା ପଢା ହେବା ଉଚିତ। ଆମ ଦେଶ ଭାରତବର୍ଷର ଦକ୍ଷିଣ ପୂର୍ବ ଦିଗରେ ଅବସ୍ଥିତ ସିଙ୍ଗାପୁର ଦେଶରେ ଏବେ ନୈତିକ ଶିକ୍ଷା ଦେବାପାଇଁ ପ୍ରଚେଷ୍ଟା ଚାଲିଛି। ସେଠାରେ ହିନ୍ଦୁ, ଖ୍ରୀଷ୍ଟିୟାନ ଓ କନ୍‌ଫ୍ୟୁସିଆନ୍ ଭଳି ତିନି ପ୍ରକାରର ଧର୍ମାବଲମ୍ବୀମାନେ ବସବାସ କରନ୍ତି। ସିଙ୍ଗାପୁରର ସରକାର ନିଷ୍ପତ୍ତି ନେଲେ ଯେ ପିଲାମାନଙ୍କୁ କୁସଂସ୍କାରରୁ ମୁକ୍ତ ତଥା ବିଭେଦ ଓ ବିଶୃଙ୍ଖଳାରୁ ରକ୍ଷାକରିବା ପାଇଁ ବିଭିନ୍ନ ଧର୍ମଧାରାର ପାଠ୍ୟପୁସ୍ତକ ପ୍ରକାଶ କରି ଅଲଗା ଅଲଗା ଶିକ୍ଷା ଦେଉଛନ୍ତି। ହିନ୍ଦୁ ଧର୍ମର ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ପୁସ୍ତକ ଓ ଶିକ୍ଷକମାନଙ୍କ ପାଇଁ ସହାୟକ ପୁସ୍ତକ ତଥା ତାଲିମ ବ୍ୟବସ୍ଥା କରିବା ପାଇଁ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର, ପଣ୍ଡିଚେରୀର ଅଧ୍ୟାପକ ମନୋଜ ଦାସ ଆଦିଙ୍କୁ ଦାୟିତ୍ୱ ଦେଇ ସଫଳ ଶିକ୍ଷା ବ୍ୟବସ୍ଥା ପ୍ରଚଳନ କରିଛନ୍ତି। ଏହାଦ୍ୱାରା ସେଠାକାର ବିଭିନ୍ନ ଧର୍ମାବଲମ୍ବୀ ଛାତ୍ରଛାତ୍ରୀଙ୍କ ଆଧ୍ୟାତ୍ମିକ ପୃଷ୍ଠଭୂମି ଓ ନୈତିକଶିକ୍ଷା ଦ୍ୱାରା ଉତ୍ତମ ଶିକ୍ଷା ପରିବେଶ ସୃଷ୍ଟି ହୋଇପାରୁଛି।

ଶିକ୍ଷାନୁଷ୍ଠାନମାନଙ୍କରେ ଆଜିକାଲି ଛାତ୍ର ଅଶାନ୍ତି ଜନିତ ସମସ୍ୟା, ଉତ୍ତମ ପରିବେଶ ସୁରକ୍ଷା ସମସ୍ୟା, ଛାତ୍ରଛାତ୍ରୀମାନଙ୍କୁ ଦେଶଗଠନର ବାର୍ତ୍ତା ଶତପ୍ରତିଶତ ଅବଗତ କରାଇ ନପାରିବା, ସମୟାନୁବର୍ତ୍ତିତା ନହେବା, ପରିବାର, ସମାଜ ତଥା ଗୁରୁଗୁରୁଜନଙ୍କ ପ୍ରତି ଭକ୍ତି, ଛାତ୍ରଛାତ୍ରୀଙ୍କୁ ସମୁଚିତ ଶିକ୍ଷା ନମିଳିବା ଆଦି ଅନେକ ସପକ୍ଷବାର୍ତ୍ତା ଶିକ୍ଷାନୁଷ୍ଠାନରେ ଆଜି ଅଭାବ ଘଟିଛି। ନୈତିକ ଶିକ୍ଷା ଅଭାବରେ ଛାତ୍ରଛାତ୍ରୀଙ୍କ ମାନସିକ ସ୍ଖଳନ ଦେଖାଦେଉଛି। ଏ ସମସ୍ତ କଥାକୁ ଆଖି ଆଗରେ ରଖି ବିଷ୍ଣୁଶର୍ମା ମିତ୍ରଲାଭର ଗପଗୁଡିକ ମାଧ୍ୟମରେ ପ୍ରାଚୀନ ଗୁରୁକୁଳ ଆଶ୍ରମର ଶିକ୍ଷା ବ୍ୟବସ୍ଥା ସଂପର୍କେ, ସତ୍ୟବାଦୀ ବନବିଦ୍ୟାଳୟର ଆଦର୍ଶ ଶିକ୍ଷା ବ୍ୟବସ୍ଥା ଆଦିର ଉଦାହରଣ ଦିଆଯାଇ ଶିକ୍ଷାନୁଷ୍ଠାନମାନଙ୍କରେ ନୈତିକଶିକ୍ଷା ବ୍ୟବସ୍ଥାର ଆବଶ୍ୟକତା ଜରୁରୀ। ଆମ ଦେଶର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଭଳି କେତେକ ଆଦର୍ଶଶିକ୍ଷାନୁଷ୍ଠାନରେ ନୈତିକଶିକ୍ଷା, ଭାରତୀୟ ସଂସ୍କୃତି,ଐତିହ୍ୟ, ପରଂପରା ରକ୍ଷାକାରୀ ଶିକ୍ଷାବ୍ୟବସ୍ଥା ଓଡିଆ ଓ ଇଂରାଜୀ ମାଧ୍ୟମ ଶିକ୍ଷାନୁଷ୍ଠାନରେ ଗ୍ରହଣ କରାଯିବା ଉଚିତ୍। ନିଜ ନିଜ ମଧ୍ୟରେ ସଂକୀର୍ଣ୍ଣତାକୁ ଦୂରେଇ ଦେଇ ସମୃଦ୍ଧ, ସ୍ୱାସ୍ଥ୍ୟବାନ, ଆଦର୍ଶ ନୂଆ ଭାରତ ଗଠନ ପ୍ରକ୍ରିୟାରେ ନୂତନ ସ୍ୱପ୍ନ ଦେଖି ପ୍ରତ୍ୟେକ ବ୍ୟକ୍ତିଙ୍କ କଠିନ ପରିଶ୍ରମ କରିବାର ସମୟ ଆସିଛି। ବିଭିନ୍ନତା ମଧ୍ୟରେ ଏକତା ହେଉଛି ଭାରତୀୟ ପରଂପରାର ନୀତି ଓ ଆଦର୍ଶ। ଏହାଦ୍ୱାରା ଜାତୀୟ ସଂହତିକୁ ବଢାଇବା ଦିଗରେ ଆମେ ସଫଳ ହେବା। ପରିଶେଷରେ ଆମେ ନିଶ୍ଚିତ ହେବା ଯେ, ବ୍ୟକ୍ତି ଓ ଦେଶର ମଙ୍ଗଳ ପାଇଁ ଶିକ୍ଷାନୁଷ୍ଠାନମାଙ୍କରେ ନୈତିକ ଶିକ୍ଷା ଜରୁରୀ ଯାହାଫଳରେ କି ଗୁଣାତ୍ମକ ଶିକ୍ଷା ଦିଆଯାଇପାରିବ। ଶିକ୍ଷାନୁଷ୍ଠାନମାନଙ୍କରେ ଭଲମଣିଷ ଗଢ଼ାହୋଇ ଦେଶ ଗଠନରେ ସେମାନେ ସମର୍ପିତ ହୋଇପାରିବେ।

-ବଡତୋଟା, ଜଟଣୀ, ଖୋର୍ଦ୍ଧା
ମୋ-୯୪୩୮୩୫୨୩୭୬

ଉଦାରତା

ଡ. ପ୍ରତିଭା ମହାରଥୀ



ରଜନୀବାବୁ ସକାଳୁ ସକାଳୁ ନିତ୍ୟକର୍ମ ସାରି ଗ୍ୟାରେଜ୍‌ରୁ ଗାଡ଼ି କାଢ଼ି ବାହାରିଗଲେ ଏୟାରପୋର୍ଟ ଅଭିମୁଖେ। ତାଙ୍କର ଏକମାତ୍ର ପୁତ୍ର ବର୍ଣ୍ଣି ଓ ବୋହୂ ରିମା ଆମେରିକାରୁ ଆଜି ଆସି ଓଡ଼ିଶାରେ ପହଞ୍ଚିବେ। ବାହାଘରର ଷୋଳ ମଙ୍ଗଳା ପରେ ପରେ ସେମାନେ ଦୁହେଁ ଆମେରିକା ଚାଲି ଯାଇଥିଲେ। ଦୁହେଁ ସେଠାରେ ଏକ ବଡ଼ କମ୍ପାନୀରେ କାମ କରନ୍ତି। ଏବେ ପ୍ରାୟ ଦେଢ଼ ବର୍ଷ ପରେ ଘରକୁ ଆସୁଛନ୍ତି।

ଆତ୍ମୀୟସ୍ୱଜନ ଓ ବନ୍ଧୁ ଯଦି ପାଖରେ ନଥିବେ, ବିରାଟ ରାଜପ୍ରାସାଦ ମଧ୍ୟ ଶ୍ମଶାନ ଭଳି ମନେହେବ। ତେଣୁ ପୁଅ ଓ ବୋହୂ ଆସୁଥିବାରୁ ମା ଅନୀତାଙ୍କ ଗୋଡ଼ ଆଉ ତଳେ ଲାଗୁନି। ପାଞ୍ଚ/ସାତ ଦିନ ହେଲାଣି, ସେ ତାଙ୍କ ପୁଅକୁ ଯାହା ଯାହା ଭଲ ଲାଗେ ସେଇ ସବୁ ଦ୍ରବ୍ୟଗୁଡ଼ିକ ଯୋଗାଡ଼ିବା ପାଇଁ ରଜନୀବାବୁଙ୍କୁ ବସାଇଉଠାଇ ଦେଉନାହାନ୍ତି। ସକାଳ ଜଳଖିଆରେ ପୁଅ ପାଇଁ ନଡ଼ିଆ ପୂର ଦିଆ ଏଣ୍ଡୁରୀ ପିଠା ସାଙ୍ଗକୁ ସବୁ ପରିବା ପଡ଼ି ଗୋଟେ ଖାଣ୍ଟି ଓଡ଼ିଆ ‘ଡାଲ୍‌ମା’ କରିବାକୁ ପ୍ରସ୍ତୁତ ହୋଇସାରିଲେଣି ସିଏ ଗଲା ରାତିରୁ। ବାକି ଦ୍ୱିପହର ଭୋଜନରେ ପୁଅ ପାଇଁ ମାଛ ମାର୍କେଟ୍‌ରୁ ଖୋଜା ହୋଇ ଆସିଛି ପୋହଳା ମାଛ ଆଉ ଛୋଟ ଚିଙ୍ଗୁଡ଼ି। ପୋହଳା ମାଛକୁ ଝୋଳ କରିବେ ଏବଂ ପୋଇ, କଖାରୁ, ଆଳୁ, ବାଇଗଣ ସହ ଚିଙ୍ଗୁଡ଼ି ମାଛର ଘାଣ୍ଟିଆ ହେବ। ଏହା ତାଙ୍କ ପୁଅକୁ ବହୁତ ଭଲଲାଗେ। ଏହା ବ୍ୟତୀତ ପାଣିକଖାରୁ ବଡ଼ି ପ୍ରସ୍ତୁତ ହୋଇ ରହିଛି ମାସକ ଆଗରୁ। କଖାରୁ ଶାଗ ଖୋଜା ହୋଇ ଆସିଛି। କାରଣ ବଡ଼ିଫୁଲା ଆଉ କଖାରୁ ଶାଗ ପୁଅର ଭାରି ପ୍ରିୟ ଅଟେ। ମା’ ମନ ତ, ଯେତେ କଲେବି, ଯୋଗାଡ଼ ସରେନି। ଆହୁରି କିଛି କରି ରଖିବାକୁ ମନ ବଳାଏ ସିନା, ମା’ର ପ୍ରସ୍ତୁତି କେବେ ସରି ନଥାଏ। ବାସ୍ତବିକ୍, ଜଣେ ମାଆର ନିଜ ସନ୍ତାନ ପ୍ରତି ଥିବା ସ୍ନେହ ସହିତ ପୃଥିବୀର ଅନ୍ୟ କୌଣସି ବସ୍ତୁ ତୁଳନୀୟ ନୁହେଁ।

ସେପଟେ ରଜନୀ ବାବୁ କେତେବେଳୁ ଏୟାରପୋର୍ଟରେ ପହଞ୍ଚି ଏପାଖ ସେପାଖ ଦୃଷ୍ଟି ପହଁରାଇ ଆଣୁଛନ୍ତି। ହେଲେ କାହିଁ ବର୍ଣ୍ଣିତ କେଉଁଠି ହେଲେ ଦେଖାଯାଉ ନାହିଁ। ସେ କଣ ଆସିବା ପ୍ରୋଗ୍ରାମ ବଦଳାଇଦେଲା। ପୁଣି ଭାବୁଚନ୍ତି, ପ୍ଲେନ୍ କଣ ଆଉ ବିଳମ୍ବ ଅଛି କି ? ଏହିପରି ନାନା ପ୍ରଶ୍ନବାଚୀରେ ମୁଣ୍ଡଟା ଭାରାକ୍ରାନ୍ତ ହେଉଥିଲା ବେଳକୁ ବେଳ ତାଙ୍କର। ହଠାତ୍ ତାଙ୍କ ଫୋନ୍‌ଟି ବାଜି ଉଠିଲା। ପକେଟ୍‌ରୁ ଫୋନ୍ କାଢ଼ି କାନରେ ଦେଲେ। ହଁ ବର୍ଣ୍ଣିର ହିଁ ଫୋନ୍, ସେପାଖରୁ ବର୍ଣ୍ଣି କହୁଥିଲା, “ବାବା, ଆମେ ଆଜି ଏୟାରପୋର୍ଟରୁ ସିଧା ସିଧା କଟକ ଚାଲିଆସିଲୁ ରିମା ଘରକୁ। ରିମାର ମା’ ବାରମ୍ବାର ଫୋନ୍ କଲାରୁ ରିମା ବାଧକଲା ମୋତେ ସେଠିକୁ ଆଗ ଯିବାପାଇଁ। କାଲି ସକାଳୁ ସକାଳୁ ଆମେ ଦୁହେଁ ତୁମ ପାଖକୁ ଚାଲି ଆସିବୁ।”

ରଜନୀବାବୁଙ୍କ ମୁଣ୍ଡଟା ଜୋର୍‌ରେ ଘୂରେଇଦେଲା ଯେପରି। ସାରା ପୃଥିବୀଟା ତାଙ୍କୁ ତାଙ୍କ ଚାରିପାଖେ ଘୂରିଲା ପରି ଲାଗିଲା। ହଠାତ୍ ଗାଡ଼ିରେ ଭରାଦେଇ ଠିଆ ହୋଇପଡ଼ିଲେ, ନଚେତ୍ ପଡ଼ିଯାଇଥାନ୍ତେ। କିଛି ସମୟ ପରେ ଘରେ ପହଞ୍ଚିଲେ ରଜନୀବାବୁ। ଅନୀତା ଦେବୀ କିଛି ପଚାରିବା ପୂର୍ବରୁ ଜୋର୍‌ରେ ଚିତ୍କାର କରି କହିଲେ, “ଗୁଣମନ୍ତ ପୁଅ ତୁମର, ବୋହୂ କଥାରେ ପଡ଼ି ଆଗ ଶ୍ୱଶୁରଘରକୁ ଚାଲିଗଲେ, କାଲି ସକାଳେ ଏଠିକୁ ଆସିବେ।” ଘୃଣାରେ ଓ ବିରକ୍ତିରେ ମୁହଁ ଛିଞ୍ଚାଡ଼ି ଏତକ କହି ଆର୍ମଚେୟାରରେ ବସିପଡ଼ିଲେ ପେପର ପଢ଼ିବା ପାଇଁ। ସବୁଥିରେ ସନ୍ତୁଷ୍ଟ ରହୁଥିବା ବ୍ୟକ୍ତି ହିଁ ସୁଖୀ ଜୀବନ ବିତାଇପାରେ। ତେଣୁ ସଦା ହସ ହସ ସଦା ଶାନ୍ତ ଅନୀତା ଦେବୀ ଚଟାପଟ୍ ଚା’ କପ୍‌ଟି ଧରି ଟି’ପୟେ ଉପରେ ରଖୁ ରଖୁ ନମ୍ର ତଥା ଉଦାର ଭାବରେ କହୁଥିଲେ, “ହଁ ମ ଆମେ ଯେମିତି ‘ବର୍ଣ୍ଣି’କୁ ଦେଖିବାକୁ ବ୍ୟଗ୍ର, ‘ରିମା’ର ବାପାମାଆ ସେପରି ‘ରିମା’କୁ ଦେଖିବାକୁ ବ୍ୟଗ୍ର ହେବା ସ୍ୱାଭାବିକ। ବର୍ଣ୍ଣି ଆମର ଖୁବ୍ ଜାଣିବାର, ବୁଝିବାର ପିଲା। ସେ ନିଜେ ଅନୁଭବ କରିଛି ବାପା ମାଆଙ୍କ ମନର ଭାବକୁ। ସେଥିପାଇଁ ନିଜ ବ୍ୟଗ୍ରତାକୁ ଚାପିରଖି ଆଗ ରିମା ମନକୁ ଖୁସି ଦେବାପାଇଁ ସେଠିକୁ ଚାଲିଗଲା। କଣ ବା ଭୁଲ ହେଇଗଲା ଯେ... ରାତି ପାହିଲେ କାଲି ଆସି ଦୁହେଁ ପହଞ୍ଚିଯିବେନି। ତୁମେ ଚା ପିଅ ଆଉ ମନକୁ ହାଲ୍‌କା କରିନିଅ।” ପ୍ରକୃତରେ କ୍ରୋଧକୁ ନିଶ୍ଚିହ୍ନ କରିଦେବାର ସବୁଠୁ ସରଳ ଓ ଶ୍ରେଷ୍ଠ ଉପାୟ ହେଲା, ଏହାର କାରଣକୁ ବିନଷ୍ଟ କରିଦେବା।

ସନ୍ଦିଗ୍ଧ ଦୃଷ୍ଟିରେ ଅନେଇ ରହିଥିଲେ ରଜନୀବାବୁ, ପତ୍ନୀ ଅନୀତାଙ୍କ ମୁହଁକୁ। ମନେ ମନେ ତାରିଫ କରି କହୁଥିଲେ ଯେପରି, “ଅନୀତା, ଶତ ଧନ୍ୟବାଦ, ତୁମର ମାତୃହୃଦୟକୁ।”

-ଖାରବେଳନଗର, ୟୁନିଟ୍-୩,
ଭୁବନେଶ୍ୱର, ମୋ-୯୪୩୭୦୩୬୮୦୯

ଦାକ୍ଷିଣାତ୍ୟର ଦ୍ୱାରକା-ଗୁରୁବାୟୁର

ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ

ତୀର୍ଥାଟନ ମନରେ ଆଧ୍ୟାତ୍ମିକଭାବ ଉଦ୍ରେକ କରିବା ସହିତ ଅବସର ବିନୋଦନର ମଧ୍ୟ ସୁଯୋଗ ଦେଇଥାଏ। ଏହି ଭାବ ନେଇ ମୁଁ ଏବଂ ମୋର ସ୍ୱାମୀ ଶ୍ରୀ କୁଞ୍ଜବିହାରୀ ଜେନା ଦକ୍ଷିଣ ଭାରତର ଦ୍ୱାରକା ଭାବରେ ପରିଚିତ ଗୁରୁବାୟୁର ଯାତ୍ରା କରିଥିଲୁ। ଏହି ସହରଟି କେରଳ ରାଜ୍ୟର ତ୍ରିଚୁର ଜିଲ୍ଲାରେ ଏବଂ କୋଚିଠାରୁ ୨୫ କିମି ଦୂରରେ ଅବସ୍ଥିତ ଏକ ରମଣୀୟ ତଥା ପବିତ୍ର ସ୍ଥାନ। ଏହି ସ୍ଥାନର ନାମ ଗୁରୁବାୟୁର ହେବାର କାରଣ ଏଠାରେ ଭଗବାନ ମହାବିଷ୍ଣୁଙ୍କ ଆରାଧ ମୂର୍ତ୍ତି ‘ଗୁରୁବାୟୁରାପ୍ପନ’ ପୂଜା ପାଆନ୍ତି। ସୁନ୍ଦର, ସୁବାସିତ ତୁଳସୀ ଗଜରା ଓ ମୋତି ମାଳୀରେ ସୁସଜ୍ଜିତ ଶଙ୍ଖ, ଚକ୍ର, ଗଦା, ପଦ୍ମଧାରୀ ବିଷ୍ଣୁଙ୍କୁ ମନ୍ଦିର ମଧ୍ୟରେ ଦର୍ଶନ କଲେ ଜନ୍ମଜନ୍ମାନ୍ତରର ପାପକ୍ଷୟ ହୁଏ ବୋଲି କଥିତ ଅଛି। ଗୁରୁବାୟୁରାପ୍ପନ ଏଠାକୁ କିପରି ଆସିଲେ ସେ ବିଷୟରେ ଏକ ସୁନ୍ଦର କିମ୍ବଦନ୍ତୀ ଅଛି। ଗୁରୁବାୟୁରାପ୍ପନଙ୍କ ମୂର୍ତ୍ତିଟି ସ୍ୱୟଂ ନାରାୟଣଙ୍କ ଦ୍ୱାରା ପ୍ରଥମେ ପୂଜିତ ହୋଇଥିଲା। ପରେ ସେ ଏହି ମୂର୍ତ୍ତିକୁ ବ୍ରହ୍ମାଙ୍କୁ ପ୍ରଦାନ କରିଥିଲେ। କଥିତ ଅଛି ଯେ ଏହି ଦେବତାଙ୍କ କରୁଣାରୁ ବ୍ରହ୍ମା ସୃଷ୍ଟି ପ୍ରକ୍ରିୟା ଆରମ୍ଭ କରିପାରିଥିଲେ। ପୁରାଣ ଯୁଗରେ ନିଃସନ୍ତାନ ଦମ୍ପତି ସୁତପା ଓ ପ୍ରିଷ୍ଣା ଏକ ପୁତ୍ର ପ୍ରାପ୍ତି ଉଦ୍ଦେଶ୍ୟରେ ବ୍ରହ୍ମାଙ୍କୁ ଆରାଧନା କରିଥିଲେ। ବ୍ରହ୍ମା ତାଙ୍କ ଉପରେ ସନ୍ତୁଷ୍ଟ ହୋଇ ନାରାୟଣଙ୍କର ଏହି ମୂର୍ତ୍ତିଟି ଦେଇଥିଲେ ଏବଂ ଭକ୍ତିର ସହିତ ପୂଜାକଲେ ତାଙ୍କର ମନୋବାଞ୍ଛା ପୂର୍ଣ୍ଣ ହେବ ବୋଲି କହିଥିଲେ। ତାଙ୍କ ପୂଜାରେ ସନ୍ତୁଷ୍ଟ ହୋଇ ମହାବିଷ୍ଣୁ ଆଶୀର୍ବାଦ ପ୍ରଦାନ କରିଥିଲେ ଯେ ସେ ନିଜେ ସେମାନଙ୍କର ପୁତ୍ର ହୋଇ ତିନିଥର ଜନ୍ମ ନେବେ ଏବଂ ସେମାନେ ଏହି ପବିତ୍ର ମୂର୍ତ୍ତିକୁ ଆଗାମୀ ତିନି ଜନ୍ମପାଇଁ ପୂଜା କରିବାର ସୁଯୋଗ ପାଇବେ। ପ୍ରଥମେ ସୁତପା ଓ ପ୍ରିଷ୍ଣାଙ୍କଠାରୁ ପ୍ରିସିଗର୍ଭା ରୂପରେ ଦ୍ୱିତୀୟରେ କାଶ୍ୟପ ଓ ଅଦିତୀଙ୍କଠାରୁ ବାମନ ରୂପରେ ଓ ଶେଷରେ ଦେବକୀ ଓ ବସୁଦେବଙ୍କ ଠାରୁ ଶ୍ରୀକୃଷ୍ଣ ରୂପରେ ଜନ୍ମଗ୍ରହଣ କରିଥିଲେ। କଂସର ନିଧନ ପରେ ଶ୍ରୀକୃଷ୍ଣ ଦ୍ୱାରକା ନଗରୀ ପ୍ରତିଷ୍ଠା କଲାପରେ ସେଠାରେ ଏକ ମନ୍ଦିର ନିର୍ମାଣ କରାଇ ମୂର୍ତ୍ତିଟିକୁ ସ୍ଥାପନ କରିଥିଲେ। ସେହି ମୂର୍ତ୍ତିକୁ ବସୁଦେବ ଓ ଦେବକୀ ଆରାଧନା କରୁଥିଲେ। ଦ୍ୱାପରଯୁଗର ଶେଷରେ ଭଗବାନ ଶ୍ରୀକୃଷ୍ଣ ଉଦ୍ଧବଙ୍କୁ ଡାକି କହିଲେ ଯେ, କୃଷ୍ଣ ଅବତାରର ସମସ୍ତ ଉଦ୍ଦେଶ୍ୟ ବା ସଂକଳ୍ପ ପୂର୍ଣ୍ଣ ହୋଇଛି। ତେଣୁ ସେ ଶୀଘ୍ର ବୈକୁଣ୍ଠକୁ ଚାଲିଯିବେ। ଏହା ଶୁଣି ଉଦ୍ଧବ ଅତି ଶୋକାତୁର ହୋଇପଡ଼ିଲେ। କାରଣ କଳିଯୁଗରେ ଭଗବାନଙ୍କ ଅବତାରକୁ ଛାଡ଼ି ଏ ସୃଷ୍ଟି କିପରି ତିଷ୍ଠିବ ! ସେହି ବିଷୟରେ ସେ ଚିନ୍ତିତ ହୋଇପଡ଼ିଲେ। ଉଦ୍ଧବଙ୍କୁ ଭଗବାନ ଶ୍ରୀକୃଷ୍ଣ ସାନ୍ତ୍ୱନା ଦେଇ କହିଥିଲେ ଯେ ଏହି ଗୁରୁବାୟୁର ମୂର୍ତ୍ତିରେ ସେ ଆତ୍ମପ୍ରକାଶ କରିବେ ଓ ତାଙ୍କର ଭକ୍ତମାନଙ୍କୁ ଆଶୀର୍ବାଦ ଦେବେ। ସେ ଉଦ୍ଧବଙ୍କୁ କହିଲେ ଯେ, ଅଦୂର ଭବିଷ୍ୟତରେ ପ୍ରଳୟ ହେବ ଏବଂ ଉକ୍ତ ସମୟରେ ସେ ପବିତ୍ର ବିଗ୍ରହକୁ ଯେପରି ରକ୍ଷାକରିବେ ଏବଂ ଦେବତାମାନଙ୍କ ଗୁରୁ ବୃହସ୍ପତିଙ୍କ ସହାୟତାରେ ଏକ ପବିତ୍ରସ୍ଥାନ ନିରୂପଣ କରି ବିଗ୍ରହଙ୍କ ପ୍ରତିଷ୍ଠା କରିବେ। ଭଗବାନଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରଳୟ କାଳରେ ବୃହସ୍ପତି ବାୟୁଦେବତାଙ୍କ ସହ ଦ୍ୱାରକା ଯାଇ ସମୁଦ୍ର ଢେଉରେ ଭାସମାନ ଅବସ୍ଥାରେ ଏହି ମୂର୍ତ୍ତିକୁ ଉଦ୍ଧାର କରି ଏକ ପବିତ୍ର ସ୍ଥାନର ଅନ୍ୱେଷଣରେ ବିଭିନ୍ନ ସ୍ଥାନ ବୁଲି ଦେଖିଥିଲେ। ଦାକ୍ଷିଣାତ୍ୟରେ ଏକ ପଦ୍ମଭରା ହ୍ରଦ ପାଖରେ ଯାଇ ପହଞ୍ଚିଲେ। ସେଠାରେ ଶିବ-ପାର୍ବତୀ ଉପସ୍ଥିତ ଥିଲେ। ଶିବ କହିଲେ, ସେହି ସ୍ଥାନଟି ବହୁଦିନରୁ ନାରାୟଣଙ୍କୁ ସ୍ଥାପନ କରିବା ଲାଗି ନିରୂପିତ ହୋଇ ରହିଛି। ତେଣୁ ବୃହସ୍ପତି ଓ ବାୟୁ ଉକ୍ତ ସ୍ଥାନରେ ମନ୍ଦିର ନିର୍ମାଣ ଏବଂ ବିଗ୍ରହ ପ୍ରତିଷ୍ଠା ପାଇଁ ବିଶ୍ୱକର୍ମାଙ୍କୁ ନିର୍ଦ୍ଦେଶ ଦେଲେ। ଏହିପରି ଭାବେ ବିଶ୍ୱକର୍ମାଙ୍କ ଦ୍ୱାରା ଭଗବାନଙ୍କ ଇଚ୍ଛା ପୂରଣ ହେଲା। ଗୁରୁ ବୃହସ୍ପତି ଓ ବାୟୁ ଦେବତାଙ୍କ ନାମ ଅନୁସାରେ ଉକ୍ତ ସ୍ଥାନର ନାମ ଗୁରୁବାୟୁରପୁର ହୋଇଥିଲା, ଯାହା ପରେ ସଂକ୍ଷେପରେ ଗୁରୁବାୟୁର ହୋଇଅଛି ଏବଂ ଉକ୍ତ ଦିବ୍ୟ ମୂର୍ତ୍ତି ଗୁରୁବାୟୁରପ୍ପନ ନାମରେ ପରିଚିତ ଅଟନ୍ତି। ଏହାପରେ ଶିବପାର୍ବତୀ ହ୍ରଦର ଆରପାର୍ଶ୍ୱକୁ ଚାଲିଗଲେ। ସେହି ସ୍ଥାନ ମାମିୟୁର ନାମରେ ପରିଚିତ। ଗୁରୁବାୟୁର ମନ୍ଦିର ଠାରୁ ୧ କିଲୋମିଟର ଦୂରରେ ଶିବପାର୍ବତୀ ମନ୍ଦିର ଅବସ୍ଥିତ। କଥିତ ଅଛି ଯେ, ମାମିୟୁର ଯାଇ ଶିବପାର୍ବତୀଙ୍କୁ ଦର୍ଶନ ନକଲେ ଗୁରୁବାୟୁର ଦର୍ଶନପୂର୍ଣ୍ଣ ହୁଏ ନାହିଁ। ନାରଦ ପୁରାଣରେ ମଧ୍ୟ ଗୁରୁବାୟୁଙ୍କ ମାହାତ୍ମ୍ୟ ବର୍ଣ୍ଣନା କରାଯାଇଛି। ନାଗରାଜା ତକ୍ଷକଙ୍କ ଦଂଶନରେ ମହାରାଜା ପରୀକ୍ଷିତଙ୍କର ମୃତ୍ୟୁ ହେବାପରେ ତାଙ୍କ ପୁତ୍ର ଜନ୍ମେଜୟ ସର୍ପଯଜ୍ଞର ଅନୁଷ୍ଠାନ କରିଥିଲେ। ଏଥିରେ ହଜାର ହଜାର ନିରୀହସର୍ପ ମୃତ୍ୟୁବରଣ କରିଥିଲେ। ସେମାନଙ୍କର ଅଭିଶାପ ଫଳରେ ଜନ୍ମେଜୟ କୁଷ୍ଠରୋଗରେ ପୀଡ଼ିତ ହେଲେ। ତାଙ୍କର କଷ୍ଟ ଦେଖି ଋଷି ଦତ୍ତାତ୍ରେୟ ଗୁରୁବାୟୁର ଯାଇ ଶ୍ରୀକୃଷ୍ଣଙ୍କୁ ଆରାଧନା କରିବାକୁ ନିର୍ଦ୍ଦେଶ ଦେଲେ। ଜନ୍ମେଜୟ ଋଷିଙ୍କ ଆଦେଶ ଅନୁସାରେ ଚାରିମାସ ଧରି କଠୋର ତପସ୍ୟା କଲେ। ପ୍ରତିଦିନ ରାତିରେ ମାମିୟୁର ଏବଂ ଦିନରେ ଗୁରୁବାୟୁର ଯାଇ ପ୍ରଭୁଙ୍କୁ ଦର୍ଶନ କଲେ। ଦିନେ ରାତିରେ ଶୋଇଥିବା ଅବସ୍ଥାରେ ପ୍ରଭୁଙ୍କ ସ୍ପର୍ଶ ଅନୁଭବ କଲେ ଏବଂ ତା’ପରେ କୋଷ୍ଠ ରୋଗର ଯନ୍ତ୍ରଣାରୁ ମୁକ୍ତି ପାଇଲେ। ପୁରାଣ ଅନୁସାରେ ଗୁରୁବାୟୁରପ୍ପାନଙ୍କ ମୂର୍ତ୍ତି ୫୦୦୦ ବର୍ଷରୁ ଊର୍ଦ୍ଧ୍ୱ ପୁରାତନ ଏବଂ ବହୁ ଶାସ୍ତ୍ରପୁରାଣରେ ଏହା ବର୍ଣ୍ଣିତ। କିନ୍ତୁ ଇତିହାସ ପୃଷ୍ଠାରେ ୧୬୩୮ ମସିହାରେ ଡଚ୍‌ମାନେ ମନ୍ଦିରର ସୁନାରୂପା ଚୋରି କରିନେଇ ମନ୍ଦିରରେ ନିଆଁ ଲଗାଇ ଦେଇଥିଲେ। ୧୭୪୭ ଖ୍ରୀଷ୍ଟାବ୍ଦରେ ଏହାକୁ ପୁନଃ ନିର୍ମାଣ କରାଯାଇଥିଲା। ୧୭୬୬ ମସିହାରେ ହାଇଦର ଅଲ୍ଲୀ ଏହାକୁ ଆକ୍ରମଣ କରିଥିଲେ ମଧ୍ୟ ୧୦,୦୦୦ ସ୍ୱର୍ଣ୍ଣ ମୁଦ୍ରା ନେଇ ମନ୍ଦିରର କୌଣସି କ୍ଷତି କରିନଥିଲେ। କିନ୍ତୁ ୧୭୮୯ରେ ତାଙ୍କ ପୁଅ ଟିପୁସୁଲତାନଙ୍କ କୋପଦୃଷ୍ଟି ପଡ଼ିଥିଲା। ଏହା ଜଣାପଡ଼ିବା ପରେ ମୂଳ ବିଗ୍ରହକୁ ଲୁଚାଇ ଦିଆଯାଇଥିଲା ଏବଂ ସେହି ସ୍ଥାନରେ ଅନ୍ୟ ଏକ ପ୍ରତିମା ରଖାଯାଇଥିଲା। ଟିପୁ ସୁଲତାନ ଆକ୍ରମଣ କରି ମନ୍ଦିରର ସମସ୍ତ ମୂଲ୍ୟବାନ ପଦାର୍ଥ ନେଇଯାଇଥିଲେ। ଈଶ୍ୱରଙ୍କ ଅପାର କୃପାରୁ ସେହି ସମୟରେ ଅଦିନିଆ ବର୍ଷା ହୋଇ ତାହା ଧ୍ୱଂସମୁଖରୁ ରକ୍ଷା ପାଇଯାଇଥିଲା। ପରବର୍ତ୍ତୀ ସମୟରେ କେରଳର ବହୁ ଧନୀକ ଭକ୍ତଙ୍କ ଅକୁଣ୍ଠିତ ଦାନରେ ଏହାର ପୁନଃନିର୍ମାଣ କରାଇ ମୂଳବିଗ୍ରହଙ୍କର ପୁନଃ ପ୍ରତିଷ୍ଠା କରାଯାଇଥିଲା। ବିଂଶ ଶତାବ୍ଦୀ ଆରମ୍ଭ ବେଳକୁ ମନ୍ଦିରର ସର୍ବାଙ୍ଗୀନ ଉନ୍ନତି ହୋଇ ଏହା ଏକ ସୁସଜ୍ଜିତ ସୁନ୍ଦର ଆଧ୍ୟାତ୍ମିକ ପୀଠରେ ପରିଣତ ହୋଇଥିଲା। ୧୯୭୦ ମସିହା ନଭେମ୍ବର ମାସ ୩୦ ତାରିଖରେ ଏହି ମନ୍ଦିରରେ ଆକସ୍ମିକ ଅଗ୍ନିକାଣ୍ଡ ହୋଇଥିଲା। ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ବହୁ ଲୋକଙ୍କ ସମ୍ମିଳିତ ଉଦ୍ୟମରେ ନିଆଁକୁ ଆୟତ୍ତ କରାଯାଇପାରିଥିଲା। ଦୀର୍ଘ ୫ଘଣ୍ଟା ଧରି ପ୍ରବଳ ଅଗ୍ନିଦ୍ୱାରା ଉତ୍ପୀଡ଼ିତ ହୋଇ ମଧ୍ୟ ମନ୍ଦିରରେ ଥିବା ଗୁରୁବାୟୁରାପ୍ପାନ, ଶ୍ରୀଗଣେଶ, ଆୟାପ୍ପା ଏବଂ ଦେବୀମାନଙ୍କ ବିଗ୍ରହ ଓ ମନ୍ଦିରର ଧ୍ୱଜାର କୌଣସି କ୍ଷତି ହୋଇନଥିଲା। ଏଥିରୁ ପ୍ରଭୁଙ୍କ ମହିମାର ପରିଚୟ ମିଳେ। କେରଳର ବାସ୍ତୁଶାସ୍ତ୍ର ଅନୁଯାୟୀ ଏହା ଏକ କାଷ୍ଠନିର୍ମିତ ସୁଦୃଶ୍ୟ ମନ୍ଦିର। ଏହା ପୂର୍ବମୁଖୀ ଏବଂ ଏହାର ଦୁଇପାର୍ଶ୍ୱରେ ଦୁଇଟି ଗୋପୁରମ୍ ଅବସ୍ଥିତ। ପୂର୍ବ ଗୋପୁରମ୍ ଭୂଲୋକ ଓ ପଶ୍ଚିମ ଗୋପୁରମ୍ ବୈକୁଣ୍ଠ ନାମରେ ପରିଚିତ। ମନ୍ଦିରର ଚାରୁକଳା ଅତୀବ ମନୋରମ। ଏଥିରେ ଦକ୍ଷିଣ ଭାରତର କଳାଚାତୁରୀ ପ୍ରତିଟି ସ୍ଥାନରେ ପରିସ୍ଫୁଟ। ଗର୍ଭଗୃହ ମଧ୍ୟରେ ବିଗ୍ରହ ବିରାଜିତ। ଗର୍ଭଗୃହ ସମ୍ମୁଖରେ ୨୪ଫୁଟ ଉଚ୍ଚତା ବିଶିଷ୍ଟ ଏକ ବିରାଟ ଦୀପସ୍ତମ୍ଭ ଅଛି।

-ସିଡ଼ିଏ, କଟକ, ଦୂରଭାଷ : ୯୮୬୧୩୫୫୬୨୮